THE NEW INDIAN EXPRESS
MONDAY, NOVEMBER 23, 2020

edex YOUR LIFE COACH

# It was all about good governance

The Institute of Company Secretaries of India (ICSI) and Birla Global University, Bhubaneswar organised a joint webinar on Good Governance and Transparency: The Key to Corporate Sustainability on November 16, 2020. Prof (Dr) Premendu P Mathur, Vice-Chancellor, Birla Global University addressed the participants and CS Nagendra D Rao, Vice-President, ICSI delivered the keynote address.






ଓଡ଼ିଶା ଭାସ୍କର

ODISHA BHASKAR

ଜନସାଧାରଣଙ୍କ ସ୍ୱର

facebook.com/odishabhaskar
twitter.com/odishabhaskar





୧୧। ଭାରତ ବିରୁଦ୍ଧରେ ଖେଳିବାକୁ ୱିଲ୍ ବ୍ୟଗ୍ର

ଗୁପକାର ପ୍ରସଙ୍ଗରେ କଂଗ୍ରେସକୁ ଟାର୍ଗେଟ କଲେ ଶାହା।୧୦



RNI Regd. No.ORI ORI 2004/12956 | Published Simultaneously from Bhubaneswar, Angul & Berhampur. | www.odishabhaskar.com

ସପ୍ତଦଶ ବର୍ଷ ସଂଖ୍ୟା-୨୪୬ | Vol. 17 No-246 | 18 NOVEMBER 2020 WEDNESDAY BHUBANESWAR | ବୁଧବାର, ନଭେମ୍ବର ୧୮, ୨୦୨୦ | ପୃଷ୍ଠା : ୧୨ | ମୂଲ୍ୟ:୨.୦୦


# ବିଜିୟୁ ପକ୍ଷରୁ ୱେବିନାର



ଭୁବନେଶ୍ୱର,(ଆ.ପ୍ର): ବିର୍ଲା ସ୍କୁଲ୍ ଅଫ୍ କମର୍ସ, ବିର୍ଲା ଗ୍ଲୋବାଲ ୟୁନିଭରସିଟି ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କମ୍ପାନୀ ସେକ୍ରେଟାରୀଜ୍ ଅଫ୍ ଇଣ୍ଡିଆର ମିଳିତ ସହଯୋଗରେ 'ଗୁଡ୍ ଗଭର୍ନାନ୍ସ ଆଣ୍ଡ ଟ୍ରାନ୍ସପରେନ୍ସି: ଦି କି' ଟୁ ଇନ୍‌ଷ୍ଟିଚ୍ୟୁସ୍‌ନାଲ ସଷ୍ଟେନବିଲିଟି' ସମ୍ପର୍କିତ ଏକ ୱେବିନାର ଆୟୋଜିତ ହୋଇଯାଇଛି । ସିଏସ୍ ନଗେନ୍ଦ୍ର ଡି ରାଓ, ଉପ-ସଭାପତି, ଆଇସିଏସ୍‌ଆଇ,ଏବଂ ସିଏ, ସିଏସ୍ ଏସ୍. ସୁଧାକର, ଉପସଭାପତି (କର୍ପୋରେଟ୍ ସେକ୍ରେଟାରିଆଲ୍) ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିଃ ଏହି ୱେବିନାରରେ ନିଜର ମତାମତ ଦେଇଥିଲେ । ଏହି ଅବସରରେ ସିଏସ୍ ନାଗେନ୍ଦ୍ର ରାଓ ନିଜର ବକ୍ତବ୍ୟରେ ବ୍ୟକ୍ତିଗତ ସ୍ତରରେ ଆବଶ୍ୟକୀୟ ନୈତିକତାର ଅଭ୍ୟାସ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହା ସହ ଆଧ୍ୟାତ୍ମିକତା ନେତୃତ୍ୱର ୧୪ଟି ମୌଳିକ ଉପାଦାନ ସମ୍ବନ୍ଧରେ ଆଲୋଚନା କରିଥିଲେ । ସିଏ ସିଏସ୍ ଏସ୍. ସୁଧାକର ଉତ୍ତମ ପରିଚାଳନାର ମହନୀୟତା ବଖାଣିବାକୁ ଯାଇ ରାମାୟଣ, ମହାଭାରତ, ଅର୍ଥଶାସ୍ତ୍ର ଏବଂ ଭଗବତ୍ ଗୀତାର ଉଦାହରଣକୁ ସୁନ୍ଦର ଭାବେ ଉପସ୍ଥାପନ କରିଥିଲେ । ଏଥିରେ ଛାତ୍ରଛାତ୍ରୀ, ଏକାଡେମିଆ, କର୍ପୋରେଟ ଏବଂ ଅଭ୍ୟାସକାରୀ ଅଂଶଗ୍ରହଣ କରିଥିଲେ । ବିର୍ଲା ସ୍କୁଲ୍ ଅଫ୍ କମର୍ସର ଡିନ୍ ପ୍ରଫେସର ଡଃ ମହାରଣାଙ୍କ ସ୍ୱାଗତ ସମ୍ଭାଷଣ ସହିତ ଏହି ୱେବିନାର ଆରମ୍ଭ ହୋଇଥିଲା । ଏହାପରେ ବିଜିୟୁ କୁଳପତି ଶ୍ରୀ ମାଥୁର ଜୀବନର ବିଭିନ୍ନ ସ୍ତରରେ ପରିଚାଳନାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିବା ସହ ଏହାର ଅଭାବ କିପରି ପ୍ରତିକୂଳ ପରିସ୍ଥିତି ଉପୁଜିପାରେ ସେ ବିଷୟରେ ନିଜର ମତ ରଖିଥିଲେ । ବିଜିୟୁ ରେଜିଷ୍ଟ୍ରାର ବି.କେ ଦାସ ମଧ୍ୟ ତାଙ୍କର ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ବୃତ୍ତିଗତ ଅଭିଜ୍ଞତା ବାଣ୍ଟିଥିଲେ । ବିର୍ଲା ସ୍କୁଲ୍ ଅଫ୍ କମର୍ସର ଆସିଷ୍ଟାଣ୍ଟ ପ୍ରଫେସର ଲୋପାମୁଦ୍ରା ନାୟକ ଏବଂ ଡଃ ହେମନ୍ତ ଭନାୱତ ଅଧିବେଶନର ପରିଚାଳନା କରିଥିଲେ । ୱେବିନାରର ପରିଶେଷରେ ଡ. ବିପି ବିଜୟ ଶଙ୍କର ଧନ୍ୟବାଦ ଅର୍ପଣ କରିଥିଲେ ।

ପ୍ରମେୟ
THE PRAMEYA
VOLUME 10 • ISSUE 199 ବର୍ଷ ୧୦ • ସଂଖ୍ୟା ୧୯୯
20 NOVEMBER 2020 FRIDAY ୨୦ ନଭେମ୍ବର ୨୦୨୦ ଶୁକ୍ରବାର
PRINTED AT BHUBANESWAR SAMBALPUR PANIKOILI

# 'ଗୁଡ୍ ଗଭର୍ନାନ୍ସ ଆଣ୍ଡ ଟ୍ରାନ୍ସପରେନ୍ସିଂ: ଦି କି'ଟୁ ଇନ୍‌ଷ୍ଟିଚ୍ୟୁସନାଲ୍ ସଷ୍ଟେନ୍‌ବିଲିଟି' ସମ୍ପର୍କିତ ୱେବିନାର



ଭୁବନେଶ୍ୱର,୧୯।୧୧(ବ୍ୟୁରୋ): ବିର୍ଲା ସ୍କୁଲ୍ ଅଫ୍ କମର୍ସ, ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କମ୍ପାନୀ ସେକ୍ରେଟାରିଜ୍ ଅଫ୍ ଇଣ୍ଡିଆ (ଆଇସିଏସ୍‌ଆଇ), ନୂଆଦିଲ୍ଲୀର ମିଳିତ ସହଯୋଗରେ 'ଗୁଡ୍ ଗଭର୍ନାନ୍ସ ଆଣ୍ଡ ଟ୍ରାନ୍ସପରେନ୍ସିଂ: ଦି କି' ଟୁ ଇନ୍‌ଷ୍ଟିଚ୍ୟୁସନାଲ ସଷ୍ଟେନବିଲିଟି'ସମ୍ପର୍କିତ ଏକ ୱେବିନାର ଆୟୋଜିତ ହୋଇଯାଇଛି। ସିଏସ୍ ନଗେନ୍ଦ୍ର ଡି ରାଓ, ଉପସଭାପତି, ଆଇସିଏସ୍‌ଆଇ, ନୂଆଦିଲ୍ଲୀ ଏବଂ ସିଏ, ସିଏସ୍‌ଏସ୍. ସୁଧାକର, ଉପସଭାପତି (କର୍ପୋରେଟ୍ ସେକ୍ରେଟାରିଆଲ୍) ରିଲାଏନ୍‌ସ ଇଣ୍ଡଷ୍ଟ୍ରିଜ୍ ଲିଃ ଏହି ୱେବିନାରରେ ନିଜର ମତାମତ ଦେଇଥିଲେ।

ଏହି ଅବସରରେ ସିଏସ୍ ନାଗେନ୍ଦ୍ର ରାଓ ନିଜର ବକ୍ତବ୍ୟରେ ବ୍ୟକ୍ତିଗତସ୍ତରରେ ଆବଶ୍ୟକୀୟ ନୈତିକତାର ଅଭ୍ୟାସ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାସହ ଆଧ୍ୟାତ୍ମିକତା ନେତୃତ୍ୱର ୧୪ଟି ମୌଳିକ ଉପାଦାନ ସମ୍ବନ୍ଧରେ ଆଲୋଚନା କରିଥିଲେ। ସିଏ ସିଏସ୍ ଏସ୍. ସୁଧାକର ଉତ୍ତମ ପରିଚାଳନାର ମହନୀୟତା ବଖାଣିବାକୁ ଯାଇ ରାମାୟଣ, ମହାଭାରତ, ଅର୍ଥଶାସ୍ତ୍ର ଏବଂ ଭଗବତ୍ ଗୀତାର ଉଦାହରଣକୁ ସୁନ୍ଦର ଭାବେ ଉପସ୍ଥାପନ କରିଥିଲେ।

ବିର୍ଲା ସ୍କୁଲ୍ ଅଫ୍ କମର୍ସର ଡିନ୍ ପ୍ରଫେସର ଡ. ମହାରଣାଙ୍କ ସ୍ୱାଗତ ସମ୍ଭାଷଣ ସହିତ ଏହି ୱେବିନାର ଆରମ୍ଭ ହୋଇଥିଲା। ଏହାସହ ଅନୁଷ୍ଠାନର ସ୍ଥିରତା ବଜାୟ ରଖିବାରେ ସୃଷ୍ଟି ହେଉଥିବା ଜଟିଳତା ଏବଂ କୋଭିଡ୍ ଭଳି ପରିସ୍ଥିତିରେ ଉତ୍ତମ ପରିଚାଳନାର ଗୁରୁତ୍ୱ ସମ୍ବନ୍ଧରେ ଶ୍ରୀ ମହାରଣା ଆଲୋଚନା କରିଥିଲେ। ଏହାପରେ ବିଜିୟୁ କୁଳପତି ଶ୍ରୀ ମାଥୁର ଜୀବନର ବିଭିନ୍ନସ୍ତରରେ ପରିଚାଳନାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିବା ସହ ଏହାର ଅଭାବ କିପରି ପ୍ରତିକୂଳ ପରିସ୍ଥିତି ଉପୁଜିପାରେ ସେ ବିଷୟରେ ନିଜର ମତ ରଖିଥିଲେ। ବିଜିୟୁ ରେଜିଷ୍ଟ୍ରାର ବି.କେ ଦାସ ମଧ୍ୟ ତାଙ୍କର ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ବୃତ୍ତିଗତ ଅଭିଜ୍ଞତା ବାଣ୍ଟିଥିଲେ। ବିର୍ଲା ସ୍କୁଲ୍ ଅଫ୍ କମର୍ସ୍‌ର ଆସିଷ୍ଟାଣ୍ଟ ପ୍ରଫେସର ଲୋପାମୁଦ୍ରା ନାୟକ ଏବଂ ଡ. ହେମନ୍ତ ଭନାଓ୍ୱତ ଅଧିବେଶନର ପରିଚାଳନା କରିଥିଲେ। ଶେଷରେ ଡ. ବିପି ବିଜୟ ଶଙ୍କର ଧନ୍ୟବାଦ ଦେଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୧୯/୨୦୨୦ (୧୬ପୃଷ୍ଠା)
Bhubaneswar, Thursday, November 19/2020

# ବିଜିଏସ୍ ପକ୍ଷରୁ ଗୁଡ୍ ଗଭର୍ଣ୍ଣାନ୍ସ ସମ୍ପର୍କିତ ୱେବିନାର

ଭୁବନେଶ୍ୱର,୧୮।୧୧: ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର ସ୍କୁଲ ଅଫ୍ କମର୍ସ, ଇନଷ୍ଟିଚ୍ୟୁଟ୍ ଅଫ୍ କମ୍ପାନୀ ସେକ୍ରେଟାରିଜ ଅଫ୍ ଇଣ୍ଡିଆ(ଆଇସିଏସ୍ଆଇ) ନୂଆଦିଲ୍ଲୀର ମିଳିତ ଆନୁକୁଲ୍ୟରେ ଗୁଡ୍‌ଗଭର୍ଣ୍ଣାନ୍ସ ଏବଂ ଟ୍ରାନ୍ସପରେନ୍ସି, ଦି କି ଟୁ ଇନଷ୍ଟିଚ୍ୟୁଶନାଲ ସଷ୍ଟେନେବିଲିଟି ସମ୍ପର୍କିତ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି। ଆଇସିଏସ୍ଆଇ ନୂଆଦିଲ୍ଲୀର ଉପସଭାପତି ସିଏସ୍ ନଗେନ୍ଦ୍ର ଡି.ରାଓ , ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଉପସଭାପତି ସିଏସ୍ ଏସ୍.ସୁଧାକର କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ୟକ୍ତିଗତ ସ୍ତରରେ ନୈତିକତାର ଅଭ୍ୟାସ ଉପରେ ରାଓ ଏଠାରେ ମତ ରଖିଥିଲେ। ସେହିଭଳି ବିର୍ଲା ସ୍କୁଲ ଅଫ୍ କମର୍ସର ଡିନ୍ ପ୍ରଫେସର ଡ. ସାମସନ ମହାରଣା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରିଚାଳନାର ଗୁରୁତ୍ୱ ଉପରେ କୁଳପତି ପ୍ରଫେସର ପି.ପି. ମାଥୁର ମତ ରଖିଥିଲେ। ରେଜିଷ୍ଟ୍ରାର ବି.କେ ଦାସ, ଆସିଷ୍ଟାଣ୍ଟ ପ୍ରଫେସର ଲୋପାମୁଦ୍ରା ନାୟକ ଓ ଡ.ବିପି ବିଜୟ୍ ଶଙ୍କର ଉପସ୍ଥିତ ଥିଲେ।